ସମ୍ବାଦ
SAMBAD
Largest circ




Home | Con


ପାଗ ଖରାପ: ସୁନିତାଙ୍କ ଫେରିବା ୨୪ ଘଣ୍ଟା ଟଳିଲା; ବିପଜ୍ଜନକ ସେହି ୧୬ ମିନିଟ୍; ମୁଖ୍ୟଯନ୍ତ୍ରୀ, ବିଏମ୍‌ସି ଇଂଜିନିୟର୍‌ଙ୍କ ଘରେ ଭିଜିଲାନସ୍ ଚଢ଼ାଉ; ଖେଳ



ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ : ପ୍ରଧାନମନ୍ତ୍ରୀଙ୍କୁ ବ୍ରଜ ତ୍ରିପାଠୀଙ୍କ --

## ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ : ପ୍ରଧାନମନ୍ତ୍ରୀଙ୍କୁ ବ୍ରଜ ତ୍ରିପାଠୀଙ୍କ ଚିଠି

ଭୁବନେଶ୍ୱର, ୨୧ ।୬ (ଇମିସ): କେବିକେ ଜିଲ୍ଲାରେ ଜାତୀୟ ଆଦିବାସୀ ବିଶ୍ୱବିଦ ୍ୟାଳୟ ପ୍ରତିଷ୍ଠା କରିବା ଲାଗି ଲୋକସଭାରେ ବିଜେଡ଼ି ସଂସଦୀୟ ଦଳର ନେତା ବ୍ରଜ କିଶୋର ତ୍ରିପାଠୀ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ପତ୍ର ଲେଖିଛନ୍ତି । କେନ୍ଦ୍ର ସରକାର ମଧ୍ୟ ପ୍ରଦେଶର ଅମରକଣ୍ଟକ ଠାରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ କରି ଓଡ଼ିଶାକୁ ଉପେକ୍ଷା କରିଛନ୍ତି ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି । ଶ୍ରୀ ତ୍ରିପାଠୀ ଦର୍ଶାଇଛନ୍ତି ଯେ ଓଡ଼ିଶାରେ ସମୁଦାୟ ଲୋକସଂଖ୍ୟାର ୨୨.୧୩ ପ୍ରତିଶତ ଲୋକ ଆଦିବାସୀ ସଂପ୍ରଦାୟର ଅଟନ୍ତି । ସାରା ଦେଶରେ ୬୨ଟି ଆଦିବାସୀ ଗୋଷ୍ଠୀ ରହିଥିବା ବେଳେ ସେଥିରୁ ୧୩ଟି ପ୍ରମୁଖ ଗୋଷ୍ଠୀ ଓଡ଼ିଶାରେ ରହୁଛନ୍ତି । କେବିକେ ଜିଲ୍ଲାରେ ଏହି ଅନୁପାତ ୩୮.୪୧ ପ୍ରତିଶତ ଅଟେ । ଅନ୍ୟପକ୍ଷରେ ମଧ୍ୟପ୍ରଦେଶର ଆଦ ବାସୀଙ୍କ ସଂଖ୍ୟା ମାତ୍ର ୨୦.୦୩ ପ୍ରତିଶତ ଅଟେ । ଏଭଳି ସ୍ଥଳେ ଓଡ଼ିଶାର କେବିକେ ଜିଲ୍ଲା ପରିବର୍ତ୍ତେ ମଧ୍ୟପ୍ରଦେଶର ଅମରକଣ୍ଟକରେ ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଖୋଲିବା ଓଡ଼ିଶା ପ୍ରତି ଅବିଚାର ହୋଇଛି ବୋଲି ଶ୍ରୀ ତ୍ରିପାଠୀ ଯୁକ୍ତି ଦର୍ଶାଇଛନ୍ତି । ଏହା ବ୍ୟତୀତ ଓଡ଼ିଶାରେ କୌଣସି ଗୋଟିଏ ହେଲେ ଜାତୀୟ ବିଶ୍ୱବିଦ୍ୟାଳୟ ନାହିଁ ବୋଲି ସେ କହିଛନ୍ତି । ତେଣୁ ଏବିଷୟରେ ପୁନର୍ବିଚାର କରି କେବିକେ ଜିଲ୍ଲାରେ ଜାତୀୟ ଆଦ ବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଶ୍ରୀ ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।


















oriya matrimony.com
marriages are forever

HOSTING WITH FREE DOMAIN
Click Here Now
We just don't design website !
We create business!
Powered By Modulesoft

ବିତର୍କ/ମତାମତ ସଂଗ୍ରହ

Poll ID 0 does not exist.

News letter

**Newsletter Signup**

Name*

Email*

Subscribe

Unsubscribe

- ଅନୁଦାନ ପ୍ରସଙ୍ଗ :ତଥ୍ୟ ଅଭାବରୁ ନିଷ୍ପତ୍ତି ହୋଇ ପାରିଲାନି
- କଳିଙ୍ଗନଗରରେ ପୁଲିସ ମହାନିର୍ଦ୍ଦେଶକ
- ସେନାରେ ସାମିଲ୍ ହେଲା ବ୍ରହ୍ମୋସ୍
- ମାଓବାଦୀ ମୁକାବିଲା: ୪ ରାଜ୍ୟର ମିଳିତ 'କୌଶଳ ନିର୍ଧାରଣ' ସମ୍ମିଳନୀ
- ଜାତୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପ୍ରସଙ୍ଗ : ପ୍ରଧାନମନ୍ତ୍ରୀଙ୍କୁ ବ୍ରଜ ତ୍ରିପାଠୀଙ୍କ ଚିଠି
- ସେପ୍ଟେମ୍ବର ସୁଦ୍ଧା ୮୪୭ ପରିବାରକୁ ସ୍ଥାୟୀ ପଟ୍ଟା
- ୪ ସପ୍ତାହ ମଧ୍ୟରେ ଏମ୍ସିଏଲ୍ ବାସଚ୍ୟୁତଙ୍କ ସମସ୍ୟା ସମାଧାନ
- ପଞ୍ଚାୟତରେ କଂପ୍ୟୁଟର ପାଇଁ ୮୩ କୋଟି ବ୍ୟୟ ହେବ
- ଗଂଜାମ ମଦମୃତ୍ୟୁ ମାମଲା: ମନ୍ତ୍ରୀଙ୍କ ସଂପୃକ୍ତି ସଂପର୍କିତ ପିଟିସନ୍‌ର ଶୁଣାଣି ୨୯ରେ
- ବରିଷ୍ଠ ଅଧିକାରୀ ଡାକ୍ତରଖାନା ଗସ୍ତ କରୁନାହାନ୍ତି
- ଉତ୍କଳ ବିଶ୍ୱବିଦ୍ୟାଳୟ ଅବ୍ୟବସ୍ଥା: ନାମକୁ ମାତ୍ର ବାହାରୁଛି ବିଭାଗୀୟ ମୁଖ୍ୟ ତାଲିକା
- ମହାକାଶ ବିଜ୍ଞାନ ଅଲଂପିଆଡ୍‌ରେ ସୌମ୍ୟଶାନ୍ତ ଭାରତର ପ୍ରତିନିଧି







**କଟାକ୍ଷ**



ରାଜନୀତି ମଧ୍ୟେ ବିଜ୍ଞାନ ପଶିଲା

ବିଜ୍ଞାନରେ ରାଜନୀତି

କଲାମ ହୋଇବେ ରାଷ୍ଟ୍ରପତି ପ୍ରାର୍ଥୀ

ନିଶ୍ଚୟ ପାରିଲେ ଜିତି.....

ଗଣିତକୁ ନାଗେ ଭୀତି.....

ପରୀକ୍ଷା ନଳୀରେ ପରମାଣୁ ବୋମା

କ୍ଷେପଣାସ୍ତ୍ର ଗାଏ ଗୀତି.....

Make your attractive website with domain name booking and web space only @ **INR 2999**/- * for further information contact info@

*Powered by* EML in Association with Modulesoft
Copyright © 2006 orissasambad.com. This Site is Best Viewed by : Internet Explorer in 1024 * 768